# NATIONAL NEWS BULLETIN (ODIA)

**28 March - 2026**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶର ଜେୱାରଠାରେ ନଏଡା ଅନ୍ତର୍ଜାତୀୟ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

–କହିଲେ କୃଷି, ଶିଳ୍ପ ଏବଂ ଯୁବବର୍ଗଙ୍କ ପାଇଁ ସୃଷ୍ଟି ହେବ ବ୍ୟାପକ ସୁଯୋଗ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- ନେପାଳରେ ଜେନ୍-ଜି ବିକ୍ଷୋଭ ଦମନ ଘଟଣାରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲୀ ଗିରଫ

- ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ, ୪୦ଜଣ ଆହତ

ଏବଂ

- ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ସନ୍ଧ୍ୟାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ ସନ୍‌ରାଇଜର୍ସ ହାଇଦ୍ରାବାଦ

# ପିଏମ୍-ନୋଇଡା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗର ଜିଲ୍ଲାର ଜେଓ୍ୱାରଠାରେ ନଏଡା ଅନ୍ତର୍ଜାତୀୟ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟ ଆଜି ଉଦ୍‌ଘାଟନ କରିଛନ୍ତି । ୪୦ ଏକର ପରିମିତ ରକ୍ଷଣାବେକ୍ଷଣ, ମରାମତି ବ୍ୟବସ୍ଥାର ମଧ୍ୟ ଶ୍ରୀ ମୋଦୀ ଆଜି ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଉତ୍ତରପ୍ରଦେଶ ଏବଂ ବିକଶିତ ଭାରତ ଅଭିଯାନ ପାଇଁ ଏହି ପଦକ୍ଷେପ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ । ଏହି ବିମାନ ବନ୍ଦର ପଶ୍ଚିମ-ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାକୁ ସୁଫଳ ପ୍ରଦାନ କରିବ । ସେଥିରେ ଆଗ୍ରା, ମଥୁରା, ଆଲିଗଡ଼, ଗାଜିଆବାଦ, ଇଟାଓ୍ୱା ଏବଂ ଫରିଦାବାଦ ଆଦି ଅନ୍ତର୍ଭୁକ୍ତ । କୃଷିକ୍ଷେତ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ ପଶ୍ଚିମ ଉତ୍ତରପ୍ରଦେଶର ଯୁବବର୍ଗଙ୍କ ପାଇଁ ଏହି ବିମାନ ବନ୍ଦର ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

**V/O**

ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟକୁ ସରକାରୀ-ଘରୋଇ ଭାଗିଦାରିତା ଆଧାରରେ ପ୍ରାୟ ୧୧ ହଜାର ୨୦୦ କୋଟି ଟଙ୍କା ବିନିଯୋଗରେ ବିକଶିତ କରାଯାଇଛି । ପ୍ରାରମ୍ଭରେ ବାର୍ଷିକ ୧କୋଟି ୨୦ ଲକ୍ଷ ଯାତ୍ରୀ ପରିଚାଳନା କ୍ଷମତା ଓ ଏହାର ସମ୍ପୂର୍ଣ୍ଣ ବିକାଶ ପରେ ଏହି ସଂଖ୍ୟା ବାର୍ଷିକ ୭ କୋଟିକୁ ବୃଦ୍ଧି ପାଇବ । ଏଥିରେ ଏକ ତିନି ହଜାର ୯୦୦ ମିଟର ରନଓ୍ୱେ ରହିଛି, ଯାହା ଅଧିକ ଓସାର ବିଶିଷ୍ଟ ବିମାନ ପରିଚାଳନା କରିପାରିବ । ଯାତ୍ରୀ ପରିବହନ ସହ ବାର୍ଷିକ ଅଢ଼େଇ ଲକ୍ଷ

ମେଟ୍ରିକ୍ ଟନ୍‌ରୁ ଅଧିକ ସାମଗ୍ରୀ ପରିଚାଳନା କରିବା ପାଇଁ ଏହି ବିମାନ ବନ୍ଦରରେ ବ୍ୟବସ୍ଥା କରାଯାଇଛି । ଯାହା ପରବର୍ତ୍ତୀ ସମୟରେ ୧୮ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୩୨ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ନେପାଳ ଓଲି ଆରେଷ୍ଟ

ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଗିରଫ କରାଯାଇଛି । ଗତବର୍ଷ ଜେନ୍-ଜି ଗୋଷ୍ଠୀଙ୍କ ପ୍ରଦର୍ଶନକୁ ଦମନ କରିବା ଅଭିଯୋଗରେ ଶ୍ରୀ ଓଲିଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାଯାଇଛି । ନବଗଠିତ ବାଲେନ୍ଦ୍ର ଶାହାଙ୍କ ସରକାର ଏ ସଂକ୍ରାନ୍ତ ତଦନ୍ତ କମିଶନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିବାର ଗୋଟିଏ ଦିନ ପରେ ପୋଲିସ୍ ଏହି ପଦକ୍ଷେପ ଗ୍ରହଣ କରିଛି । କାଠମାଣ୍ଡୁଠାରୁ ୧୨ କିଲୋମିଟର ପୂର୍ବ ଦିଗରେ ଭକ୍ତପୁର ଜିଲ୍ଲାର ଗୁଣ୍ଡୁ ଅଞ୍ଚଳରୁ ତାଙ୍କୁ ଗିରଫ

କରାଯାଇଛି । ପୂର୍ବତନ ଗୃହମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ନେତା ରମେଶ ଲେଖକଙ୍କୁ ମଧ୍ୟ ତାଙ୍କ ବାସଭବନରୁ ଗିରଫ କରାଯାଇଛି । ବିକ୍ଷୋଭ ପ୍ରଦର୍ଶନକୁ ଦମନ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପରେ ୭୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ଶ୍ରୀ ଶାହାଙ୍କ ନେତୃତ୍ୱାଧୀନ ନେପାଳର ନବଗଠିତ ସରକାର ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ ତଦନ୍ତ କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୁପାରିଶଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ  ନିଷ୍ପତ୍ତି ଗ୍ରହଣ କରିଥିଲେ । ଗିରଫ ପରେ ଶ୍ରୀ ଶର୍ମାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ହସ୍ପିଟାଲକୁ ନିଆଯାଇଥିଲା । ଜେନ୍-ଜି ଆନ୍ଦୋଳନ ନେଇ ନେପାଳରେ ଘଟିଥିବା ଘଟଣାର ତଦନ୍ତ ପାଇଁ ଗଠିତ କମିଶନ ଶ୍ରୀ ଓଲି ଏବଂ ଶ୍ରୀ ଲେଖକଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ୍ କରିଛନ୍ତି ।

## ଓଡ଼ିଶା ଆକ୍ସିଡେଣ୍ଟ

ନୟାଗଡ଼ ଜିଲ୍ଲା ଦଶପଲ୍ଲାଠାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି । ଦଶପଲ୍ଲା ବ୍ଲକ ଟାକେରା ନିକଟ ହନୁମାନ ଘାଟି ବୁଲାଣି ରାସ୍ତାରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ ୩ ଜଣ ମହିଳାଙ୍କୁ ମିଶାଇ ୫ ଜଣଙ୍କର ମୃତ୍ୟୁ ହୋଇଛି । ଆହତଙ୍କ ମଧ୍ୟରୁ ୧୫ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଜିଲ୍ଲା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି । ବଲାଙ୍ଗୀର ହରିଶଙ୍କରକୁ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଏହି

ବସ୍‌ଟି ଯାତ୍ରା କରୁଥିଲା । ଗୁରୁତର ଆହତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

---

# ଗୋଏଲ୍ ଡବ୍ଲୁଏଚ୍‌ଓ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ' ୧୪ତମ ମନ୍ତ୍ରିସ୍ତରୀୟ ସମ୍ମିଳନୀରେ ଉରୁଗୁଏ ପର୍ଯ୍ୟାୟ ଆଲୋଚନାରେ ସୃଷ୍ଟ ଅସନ୍ତୁଳନକୁ ସମାଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।  ବିଶ୍ୱ ବାଣିଜ୍ୟ ସଂଗଠନ ସମାଧାନ ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି । ସେ କହିଛନ୍ତି, ସମ୍ମିଳନୀରେ ଅଂଶ ଗ୍ରହଣ କରୁଥିବା ସଦସ୍ୟ ଦେଶଗୁଡ଼ିକୁ ଉତ୍ପାଦନ ଦକ୍ଷତା ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଅଂଶ ଗ୍ରହଣ କରିବାର ଉପଯୁକ୍ତ ସୁଯୋଗ ମିଳିବା ଆବଶ୍ୟକ । ନବସୃଜନ, ବିକାଶ ଏବଂ ସୁଯୋଗ ନେଇ ସବୁ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ସମାନତା ସୃଷ୍ଟି ହେଲେ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି । ଗଠନମୂଳକ ପଦକ୍ଷେପରେ ସାମିଲ ହେବା ନେଇ ଭାରତର ଅଙ୍ଗୀକାରବଦ୍ଧତାର ସେ ପୁନଃ ପ୍ରକାଶ କରିଛନ୍ତି । କାମେରୁନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଯୋଗଦେବା ଅବସରରେ ଶ୍ରୀ ଗୋୟଲ ଆମେରିକାର ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରୀର୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । କାନାଡାର ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁଙ୍କ ସହ ସାକ୍ଷାତ ଆଲୋଚନାବେଳେ ଦ୍ୱିପାକ୍ଷିକ ଆର୍ଥିକ ସହଭରାଗିତା ଚୁକ୍ତିନାମା ଆଲୋଚନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ।

---

# ଡିଜିସିଏ-ଭିଭିଆଇପି

କେନ୍ଦ୍ର ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ରାଜ୍ୟପାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଉଡ଼ାଣ କରୁଥିବା ବିମାନ ସେବା ପରିଚାଳକଙ୍କ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ – ଡିଜିସିଏ ନିର୍ଦ୍ଦେଶାବଳୀ ଜାରି କରିଛି। ଅତୀତର ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଅଣ-ସୂଚୀତ ବିମାନ ଏବଂ ହେଲିକପ୍ଟର ପରିଚାଳନାକାରୀଙ୍କ ପାଇଁ ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହୋଇଛି ।

ନିର୍ଦ୍ଦେଶାବଳୀ ଅନୁଯାୟୀ ବିମାନ ପରିଚାଳନା ସମୟରେ ଏବଂ ଅସ୍ଥାୟୀ ହେଲିପ୍ୟାଡକୁ ଯିବା ଓ ଆସିବା ସମୟରେ ନିର୍ଦ୍ଧାରିତ ପ୍ରକ୍ରିୟାର ପାଳନ କରିବା ଲାଗି କୁହାଯାଇଛି । ବିଶେଷକରି ଅସ୍ଥାୟୀ ହେଲିପ୍ୟାଡ ଏବଂ ଦୂରବର୍ତ୍ତୀ ବିମାନ ପରିଚାଳନା ଭଳି ଆହ୍ୱାନର ମୁକାବିଲା କରିବା ଲାଗି ବିମାନ ପରିଚାଳକ, ସଦସ୍ୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ପାଇଁ ନିର୍ଦ୍ଦେଶାବଳୀରେ କୁହାଯାଇଛି । ସୁରକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ନେବା ସମୟରେ ପାଇଲଟମାନେ ଯେଭଳି କୌଣସି ଚାପର ସମ୍ମୁଖୀନ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଲାଗି ଡିଜିସିଏ ଏପରି ସ୍ଥିତିରେ ପାଇଲଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛି ।

---

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର ଲିଗ୍ – ଆଇପିଏଲ୍ କ୍ରିକେଟର ୧୯ତମ ସଂସ୍କରଣ ଆଜି ସନ୍ଧ୍ୟାରେ ବେଙ୍ଗାଲୁରୁଠାରେ ଆରମ୍ଭ ହେବ। ଉଦଘାଟନୀ ମ୍ୟାଚ୍‌ରେ, ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ

ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଦୁଇ ମାସ ଧରି ଚାଲିବାକୁ ଥିବା ଆଇପିଏଲ୍ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଗତ ସଂସ୍କରଣର ବିଜେତା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଗତବର୍ଷ ଆୟୋଜିତ ବିଜୟ ଉତ୍ସବ ପାଳନ ବେଳେ ଘଟିଥିବା ଦଳାଚକଟାରେ ୧୧ଜଣଙ୍କର ମୃତ୍ୟୁ ଘଟିଥିଲା । ସେମାନଙ୍କ ସ୍ମୃତିରେ ଚଳିତ ସଂସ୍କରଣର ଉଦ୍‌ଘାଟନୀ ସମାରୋହକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ବାତିଲ କରିଛି ।

---